# NATIONAL NEWS BULLETIN (ODIA)

## 15 July 2026

## Morning Bulletin : 7.15 A.M.

**************************************

## ମୁଖ୍ୟ ସମ୍ବାଦ

- ଭାରତ -ବ୍ରିଟେନ ମଧ୍ୟରେ ଆଜିଠାରୁ କାର୍ଯ୍ୟକାରୀ ହେବ ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟିକ ଚୁକ୍ତିନାମା
- ହାଇଦ୍ରାବାଦଠାରେ ଆଜିଠାରୁ ଆରମ୍ଭ ହେଉଛି ଦ୍ୱାଦଶ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ଶ୍ରମ ଓ ନିୟୋଜନ ମନ୍ତ୍ରୀଙ୍କ ବୈଠକ
- ଜଳବାୟୁ ପରିବର୍ତ୍ତନ, ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ୟୁରୋପ କମିଶନରଙ୍କ ସହ ଆଲୋଚନା କଲେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ
- ଭାରତ-ଇଂଲଣ୍ଡ ପୁରୁଷ ୩ଟିକିଆ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ

ଏବଂ

- ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଫାଇନାଲକୁ ଉନ୍ନୀତ ହେଲା ସ୍ପେନ୍

# ଇଣ୍ଡିଆ-ୟୁକେ ଏଫ୍‌ଟିଏ

ଭାରତ -ବ୍ରିଟେନ ମଧ୍ଯରେ ଆଜିଠାରୁ ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟିକ ଚୁକ୍ତିନାମା କାର୍ଯ୍ୟକାରୀ ହେବାକୁ ଯାଉଛି । ଏହି ଚୁକ୍ତି ଫଳରେ ଭାରତରୁ ରପ୍ତାନୀ ହେବାକୁ ଥିବା ସାମଗ୍ରୀ ଗୁଡ଼ିକ ଉପରେ ୯୯ ପ୍ରତିଶତ ପର୍ଯ୍ୟନ୍ତ ରପ୍ତାନୀ ଶୁଳ୍କ ହ୍ରାସ ପାଇବ । ବିଶେଷଭାବେ ବୟନଶିଳ୍ପ, ଚମଡାଜାତ ଦ୍ରବ୍ୟ, ଜୋତା, ଔଷଧୀୟ ଉତ୍ପାଦ ଏବଂ ଇଞ୍ଜିନିୟରିଂ କ୍ଷେତ୍ରକୁ ସୁଫଳ ମିଳିବ । ୨୦୨୧ ମଇ ମାସରୁ ଏହି ଐତିହାସିକ ବୁଝାମଣା ଲାଗି ମଞ୍ଚ ପ୍ରସ୍ତୁତ ହୋଇଥିଲା । ୨୦୩୦ ମସିହା ପର୍ଯ୍ୟନ୍ତ ଏହି ବୁଝାମଣା ଅଧୀନରେ ଭାରତ-ୟୁକେ ବାଣିଜ୍ୟ କାରବାରକୁ ୧୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ଏହି ଚୁକ୍ତିନାମା ଭାରତର ବାଣିଜ୍ୟ ଯାତ୍ରାପଥରେ ଏକ ନିର୍ଣ୍ଣାୟକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବର୍ଣ୍ଣନା କରିଛନ୍ତି । ଦୁଇଟି ପ୍ରମୁଖ ଅର୍ଥନୈତିକ ରାଷ୍ଟ୍ର ମଧ୍ୟରେ ଭ୍ୟବିଷ୍ୟତ ଆଧାରିତ ଆର୍ଥିକ ସହଭାଗିତା ସ୍ଥାପନ କରିବାରେ ଏହା ସହାୟକ ହେବ । ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ଏକ ନୂତନ ପର୍ଯ୍ୟାୟ ଆରମ୍ଭ ହେବ ବୋଲି ଶ୍ରୀ ଅଗ୍ରୱାଲ ଆଶା ବ୍ୟକ୍ତ କରିଛନ୍ତି । ଜନକଲ୍ୟାଣକୁ ଦୃଷ୍ଟିରେ ରଖି ଏହି ଚୁକ୍ତିନାମାକୁ ପ୍ରସ୍ତୁତ

କରାଯାଇଛି । ଭାରତୀୟ ରପ୍ତାନୀକାରୀ ବିଭିନ୍ନ କ୍ଷେତ୍ରରେ ବ୍ରିଟେନର ଶୁଳ୍କ ଛାଡ଼ ସୁବିଧାରୁ ଲାଭ ପାଇବେ ।

ଭାରତରୁ ରପ୍ତାନୀ ହେବାକୁ ଥିବା ଖାଦ୍ୟସାମଗ୍ରୀ ଉତ୍ପାଦ ଉପରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ହ୍ରାସ ହେବାକୁ ଥିବାବେଳେ ସାମୁଦ୍ରିକ ଉତ୍ପାଦ ଉପରେ ୨୧ ପ୍ରତିଶତରୁ ଅଧିକ, ଇଞ୍ଜିନିୟରିଂ ଏବଂ ଅଟୋ ଯନ୍ତ୍ରାଂଶ ଉପରେ ୧୮ ପ୍ରତିଶତ ଚମଡା ଏବଂ ଜୋତା ଉତ୍ପାଦ ଉପରେ ୧୬ ପ୍ରତିଶତ ପର୍ଯ୍ୟନ୍ତ ଓ ବୟନ ଉତ୍ପାଦ ଉପରେ ୧୨ ପ୍ରତିଶତ ଶୁଳ୍କ ହ୍ରାସ ପାଇ ଶୂନ୍ୟ ହେବ । ଏହି ବୁଝାମଣା ଦେଶର କୃଷକ, ମତ୍ସ୍ୟଜୀବୀ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବ୍ୟବସାୟକୁ ସହଜ ଓ ସୁଦୃଢ଼ କରିବା ସହ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଭାରତର ସମନ୍ୱୟକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି ।

## ବ୍ରିକ୍ସ ବୈଠକ

ହାଇଦ୍ରାବାଦଠାରେ ଆଜିଠାରୁ ଦ୍ୱାଦଶ ବ୍ରିକ୍ସ ଶ୍ରମ ଓ ନିୟୋଜନ ମନ୍ତ୍ରୀଙ୍କ ବୈଠକ ଆରମ୍ଭ ହେଉଛି । ଏହି ଦୁଇଦିନିଆ ବୈଠକରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ଅଂଶ ଗ୍ରହଣ କରୁଛନ୍ତି । ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ବୈଠକରେ ଅଧ୍ୟକ୍ଷତା କରିବେ । ସାମାଜିକ ସୁରକ୍ଷାକୁ ପ୍ରୋତ୍ସାହନ ପ୍ରଦାନ କରିବା, ଶ୍ରମ କ୍ଷେତ୍ରକୁ ଅଧିକ ସୁବ୍ୟବସ୍ଥିତ ଏବଂ କର୍ମକ୍ଷେତ୍ରରେ ମହିଳାଙ୍କ ଅଂଶ ଗ୍ରହଣ ବୃଦ୍ଧି କରିବା ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ

ଏହି ବୈଠକରେ ମତ ବିନିମୟ ହେବାର ସମ୍ଭାବନା ରହିଛି । ବୈଠକ ପୂର୍ବରୁ ନିଯୁକ୍ତି କାର୍ଯ୍ୟଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଚିଠା ଘୋଷଣାନାମା ଉପରେ ମଧ୍ୟ ଏଥିରେ ଆଲୋଚନା କରାଯିବ । ଶ୍ରମ ନୀତି, ଦକ୍ଷତା ବିକାଶ, ଶ୍ରମିକ କଲ୍ୟାଣ ଏବଂ ସମାବେଶୀ ମୂଳକ ନିଯୁକ୍ତିକ୍ଷେତ୍ରରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଏହି ବୈଠକର ଅନ୍ୟତମ ଉଦ୍ଦେଶ୍ୟ ।

## ଇଣ୍ଡିଆ-ମାଲଦୀପସ୍

ଭାରତ-ମାଲଦ୍ୱୀପ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ପ୍ରଥମ ପର୍ଯ୍ୟାୟ ଆଲୋଚନା ସଫଳତାର ସହ ଶେଷ ହୋଇଛି । ଗତ ସପ୍ତାହରେ ଏହି ଆଲୋଚନା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଉଭୟ ପକ୍ଷ ମଧ୍ୟରେ ଏହି ଆଲୋଚନା ସକାରାତ୍ମକ ରହିଛି । ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ସେମାନଙ୍କର ସହମତି ପ୍ରକାଶ କରିଥିବା ମନ୍ତ୍ରଣାଳୟ କହିଛି । ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ଏହା ଅଧିକ ବ୍ୟାପକ କରିବ । ଭାରତ ମାଲଦ୍ୱୀପର ଦ୍ୱିତୀୟ ସର୍ବବୃହତ ବାଣିଜ୍ୟିକ ଅଂଶିଦାର ।

ଦୁଇ ଦେଶ ମଧ୍ୟରେ ଗତ ଆର୍ଥିକ ବର୍ଷରେ ବାଣିଜ୍ୟ କାରବାର ୭୭୧ ନିଯୁତ ଆମେରିକୀୟ ଡଲାରରୁ ଅଧିକ ରହିଥିଲା । ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ଏହା ୧୩ ଦଶମିକ୍ ୫/୪ ପ୍ରତିଶତ ଅଧିକ । ପ୍ରସ୍ତାବିତ

ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବଜାର ପ୍ରବେଶକୁ ଅଧିକ ବ୍ୟାପକ କରିବା ସହ ସହଜ ନିବେଶ ଏବଂ ଦ୍ୱିପାକ୍ଷିକ ଆର୍ଥିକ ସହଯୋଗକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ଏକ ନିରପେକ୍ଷ ପାରସ୍ପରିକ ଉପଯୋଗୀ ନୀତି ଆଧାରିତ ସନ୍ତୁଳିତ ଏବଂ ବ୍ୟାପକ ଚୁକ୍ତିନାମା ପ୍ରସ୍ତୁତ ନେଇ ଉଭୟ ଦେଶ କାର୍ଯ୍ୟ କରୁଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆସନ୍ତାକାଲି ଶ୍ରୀଜୀଉଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଗତ ସନ୍ଧ୍ୟାରେ ଠାକୁରଙ୍କର ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଛି । ସନ୍ଧ୍ୟା ୫ଟାରୁ ପାରମାଣିକ ଟିକଟଧାରୀଙ୍କର ଦର୍ଶନ ଆରମ୍ଭ ହୋଇଥିଲା । ସନ୍ଧ୍ୟା ସାଢ଼େ ୫ଟା ପରେ ସର୍ବସାଧାରଣଙ୍କ ପାଇଁ ସାହାଣମେଲା ଦର୍ଶନ ଆରମ୍ଭ ହୋଇ ସନ୍ଧ୍ୟା ସାଢ଼େ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଆଜି ପ୍ରତିପଦା ତିଥି ପଡୁଥିବାରୁ ଶ୍ରୀଜୀଉଙ୍କ ଉଭାଯାତ୍ରା ଅନୁଷ୍ଠିତ ହେବ । ଆସନ୍ତାକାଲିର ରଥଯାତ୍ରାକୁ ଦୃଷ୍ଟିରେ ରଖି ଆଜି ଠାକୁରଙ୍କର ସର୍ବସାଧାରଣ ବନ୍ଦ ରହିଛି ।

# ଗୋୟଲ୍-ବେଲ୍‌ଜିୟମ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ସ୍ପେନ୍ ଗସ୍ତ ଶେଷକରି ବେଲ୍‌ଜିୟମର ରାଜଧାନୀ ବ୍ରସେଲ୍‌ସଠାରେ ପହଞ୍ଚିଛନ୍ତି । ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ନିରନ୍ତରତା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ୟୁରୋପ ସହିତ ଭାରତର ଆର୍ଥିକ ସହଭାଗିତାକୁ ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଶ୍ରୀ ଗୋୟଲଙ୍କ ସହ ଏକ ଉଚ୍ଚସ୍ତରୀୟ ଭାରତୀୟ ବ୍ୟବସାୟିକ ପ୍ରତିନିଧି ମଣ୍ଡଳୀ ଗସ୍ତରେ ଯାଇଛନ୍ତି । ବେଲଜିୟମର ଉପପ୍ରଧାନମନ୍ତ୍ରୀ ଏବଂ ନିଯୁକ୍ତି, ଅର୍ଥନୀତି ଓ କୃଷିମନ୍ତ୍ରୀ ଡେଭିଡ୍ କ୍ଲାରିନ୍‌ଭାଲ୍‌ଙ୍କ ସହ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଛନ୍ତି । ଉଭୟ ନେତା ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ମତ ବିନିମୟ କରିଛନ୍ତି। ଜଳବାୟୁ ପରିବର୍ତ୍ତନ, ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ୟୁରୋପ କମିଶନର ଓ୍ୱପ୍‌କେ ହୋଏକସ୍ତ୍ରା ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ବ୍ରସେଲ୍‌ସଠାରେ ଶ୍ରୀ ଗୋୟଲ୍ କୃଷି ଓ ଖାଦ୍ୟ କ୍ଷେତ୍ର ପାଇଁ ୟୁରୋପୀୟ କମିଶନର କ୍ରିଷ୍ଟୋଭ ହାନ୍‌ସେନ୍‌ଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି ।

# ଇଣ୍ଡିଆ-ନ୍ୟୁକ୍ଲିୟର

ଦେଶର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପରମାଣୁ ଶକ୍ତି କାର୍ଯ୍ୟକ୍ରମ କ୍ଷେତ୍ରକୁ ନିରନ୍ତର ଭାବେ ବ୍ୟାପକ କରାଯାଉଛି ବୋଲି ସରକାର କହିଛନ୍ତି । ଏବେ ୭ଟି ସ୍ଥାନରେ ୮ ଦଶମିକ ୭/୮ ଗିଗାଓ୍ବାଟ୍ ଶକ୍ତିକ୍ଷେତ୍ର ସ୍ଥାପନା ସହିତ ୨୪ଟି ପରମାଣୁ ଶକ୍ତି ରିଆକ୍ଟରର ପରିଚାଳନା କରାଯାଉଛି । ୮ ହଜାର ମେଗାଓ୍ବାଟ୍‌ର ମିଳିତ କ୍ଷମତା ଆଧାରିତ ଆଉ ୧୦ଟି ରିଆକ୍ଟର ୟୁନିଟ୍ ନିର୍ମାଣାଧୀନ ରହିଛି । ସେଗୁଡ଼ିକ ମଧ୍ୟରେ ଚାପଯୁକ୍ତ ଭାରିଜଳ, ଉଷ୍ମ ଜଳ ଏବଂ ହାଲୁକା ଜଳ ରିଆକ୍ଟର ଅନ୍ତର୍ଭୁକ୍ତ । ଗତ ସପ୍ତାହରେ ମେଲ୍‌ବୋର୍ଣ୍ଣରେ ଅନୁଷ୍ଠିତ ତୃତୀୟ ଭାରତୟ-ଅଷ୍ଟ୍ରେଲିଆ ବାର୍ଷିକ ଶିଖର ସମ୍ମିଳନୀରେ ଦ୍ୱିପାକ୍ଷିକ ବେସାମରିକ ପରମାଣୁ ସହଯୋଗ ଚୁକ୍ତିନାମା ଏକ ଉଲ୍ଲେଖନୀୟ ନିଷ୍କର୍ଷ ଥିଲା ବୋଲି ସରକାର କହିଛନ୍ତି । ଏହା ଦ୍ୱାରା ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ଅଷ୍ଟ୍ରେଲିଆରୁ ଭାରତକୁ ଦୀର୍ଘକାଳୀନ ୟୁରାନିୟମ ରପ୍ତାନୀ ପାଇଁ ମାର୍ଗ ଉନ୍ମୁକ୍ତ ହୋଇଛି । ଏହି ପରମାଣୁଶକ୍ତି ରିଆକ୍ଟରଗୁଡ଼ିକ ପାଇଁ ପ୍ରାଥମିକ ନିରନ୍ତର ଇନ୍ଧନ ଯୋଗାଣକୁ ଅଷ୍ଟ୍ରେଲିଆ ଚୁକ୍ତିନାମା ଆଧାରରେ ସୁନିଶ୍ଚିତ କରିବ ବୋଲି ସରକାର ସୂଚନା ଦେଇଛନ୍ତି ।

# ଏମ୍‌ଓ ଏସ୍‌ପିଆଇ

ଦେଶର ସେବାକ୍ଷେତ୍ରର ଗୁଣବତ୍ତାକୁ ଉନ୍ନତ କରିବା ଏବଂ ପରିସଂଖ୍ୟାନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପରୀକ୍ଷଣ ସେବା ଉତ୍ପାଦନ ସେବା ସୂଚକାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ପରିସଂଖ୍ୟାନ ଏବଂ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ କହିଛି । ପ୍ରଥମଥର ପାଇଁ ସରକାର ପାଇଲଟ୍ ସେବା ସୂଚକାଙ୍କ ଆଇଏସ୍‌ପି ପ୍ରକାଶ କରିଛନ୍ତି । ୨୦୨୪-୨୫ ଆର୍ଥିକବର୍ଷକୁ ଆଧାର ବର୍ଷ ଭାବେ ଗ୍ରହଣ କରି ଗତ ଏପ୍ରିଲ୍‌ମାସ ସୁଦ୍ଧା ତଥ୍ୟ ଆଧାରରେ ଏହି ପ୍ରଥମ ସୂଚକାଙ୍କ ପ୍ରକାଶିତ ହୋଇଛି । ଏଥିରେ ସେବାକ୍ଷେତ୍ରର ୧୯ଟି ଉପକ୍ଷେତ୍ରକୁ ସାମିଲ କରାଯାଇଛି । ଦେଶର ସେବାକ୍ଷେତ୍ରର ପ୍ରାୟ ୬୦ ପ୍ରତିଶତ ଏହି ଉପକ୍ଷେତ୍ର ଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ । ମନ୍ତ୍ରଣାଳୟ କହିଛି, ପରୀକ୍ଷଣ ଶୃଙ୍ଖଳର ସମୀକ୍ଷା ଏବଂ ବ୍ୟାପକତା ପରେ ସେବା ଉତ୍ପାଦନର ସାମଗ୍ରିକ ସୂଚକାଙ୍କ ପ୍ରକାଶ କରାଯିବ । ୧୯ଟି ଉପକ୍ଷେତ୍ର ମଧ୍ୟରୁ ୧୪ଟିରେ ପୂର୍ବବର୍ଷର ଏପ୍ରିଲ୍ ମାସ ସୁଦ୍ଧା ହୋଇଥିବା ଅଭିବୃଦ୍ଧି ତୁଳନାରେ ଚଳିତଥର ଅଧିକ ହୋଇଛି । ଏହି କ୍ଷେତ୍ରଗୁଡ଼ିକରେ ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ରେକର୍ଡ କରାଯାଇଛି । ତେବେ ଅନ୍ୟ ସମସ୍ତ କ୍ଷେତ୍ର ମଧ୍ୟ ସକାରାତ୍ମକ ଅଭିବୃଦ୍ଧି ହାସଲ କରିଥିବା ମନ୍ତ୍ରଣାଳୟ କହିଛି ।

# କ୍ରିକେଟ୍

ଭାରତ-ଇଂଲଣ୍ଡ ପୁରୁଷ ୩ଟିକିଆ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍‌ଠାରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଇଂଲଣ୍ଡକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା । ୪୮ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୨୫୮ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଜୋ ରୁଟ୍ ସର୍ବାଧିକ ଅପରାଜିତ ୭୬ ରନ୍ ସଂଗ୍ରହ କରିଥିଲେ । ଭାରତର ଅକ୍ଷର ପଟେଲ ୪ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ୨୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୪୬ ଓଭରରେ ୪ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଛି । ଅଧିନାୟକ ଶୁଭମନ ଗିଲ୍ ୮୦ ରନ୍‌ର ପାଳି ଖେଳିଥିଲେ । ଅକ୍ଷର ପଟେଲଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି । ଏଥିସହ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି । ଆସନ୍ତାକାଲି କାର୍ଡିଫ୍‌ର ସୋଫିଆ ଗାର୍ଡେନ୍ସ ଠାରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ ।

# ଫିଫା

ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ଫାଇନାଲ୍ ପର୍ଯ୍ୟାୟକୁ ପ୍ରଥମ ଦଳ ଭାବେ ସ୍ପେନ୍ ଉନ୍ନୀତ ହୋଇଛି । ଟେକ୍ସାସ୍‌ର ଡଲାସ୍ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ସ୍ପେନ୍

ଫ୍ରାନ୍ସକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ୨୦୧୦ ମସିହା ପରେ ପ୍ରଥମ ଥର ପାଇଁ ସ୍ପେନ୍ ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛି । ଆଜି ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ଆଟଲାଣ୍ଟା ଷ୍ଟାଡିୟମ୍‌ରେ ଭାରତୀୟ ସମୟ ରାତି ସାଢ଼େ ୧୨ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।